

## କଥା-ପୁରୁଷ

# ତରୁଣକାନ୍ତି: ଚୁପ୍‌ଚାପ୍ କୁଆଡ଼େ ଚାହାଁନ୍ତି ?

ଓଡ଼ିଆ ଗଳ୍ପର ଗବାକ୍ଷରେ ନାମୀ ନକ୍ଷତ୍ର - ତରୁଣକାନ୍ତି..
ମିଶ୍ରରାଗରେ ସେ ଗାଆନ୍ତି ଜୀବନଗଳ୍ପର ଗୀତିଗାୟତ୍ରୀ !
ତାଙ୍କ ଗଳ୍ପରେ ଅନେକ ନିର୍ଜନ ଦ୍ୱିପ୍ରହର, ଅଜସ୍ର
ନୀଳରାତ୍ରୀ... ଆଉ ତା' ଭିତରେ ଭଲପାଇବାଠୁ
ବୈରାଗ୍ୟ ଯାଏଁ ଭଳିଭଳି ଭସାମେଘର ଭୁଆଁବୁଲା !
ସେ ବାରବୁଲା- ଋତୁ ଓ ଋତର ରଙ୍ଗଜଗତରେ !
ତାଙ୍କ ସହିତ ଏକ ଈଷଦୁଷ୍ମ ସାକ୍ଷାତକାର-

ପ୍ରସ୍ତୁତି– ଶିଞ୍ଜିନୀ ଜାମାଜସିଂହ
ସାକ୍ଷାତ– ବିଭୂତି ଜେନା

● ମାତ୍ର ପନ୍ଦରବର୍ଷ ବୟସ ବେଳୁ ଗଳ୍ପ ଗଢ଼ିବାର ଗହନ ମାୟାରେ ଆଛନ୍ନ ଆପଣ । ଅଥଚ ଆବେଗର ଆବେଶ ସହିତ ଏହି ଅପ୍ରାପ୍ତବୟସ୍କ ଗଳ୍ପଗୁଡ଼ିକରେ ମଧ୍ୟ ବାରି ହୋଇ ପଡ଼େ ସୂକ୍ଷ୍ମାନୁଭୂତିର ସ୍ପର୍ଶ । ଏପରି ଅଘଟନ ହେଲା କିପରି ?


❖ ପନ୍ଦରବର୍ଷ ବୟସରେ ଗପଟିଏ ଲେଖିବା ଅଘଟଣ ନୁହେଁ, ଏଥିରେ ବୈଚିତ୍ର୍ୟ ମଧ୍ୟ କିଛି ନାହିଁ । ଗୋଟିଏ ତିନିବର୍ଷର ଶିଶୁ ମଧ୍ୟ ଗପଟିଏ କହିଥାଏ ତା' ନିଜସ୍ୱ ଭାଷାରେ । ଗପ ଗଢ଼ିବାର ଗହନ ମାୟା ଅଙ୍କୁରିତ ହୋଇଥାଏ ଜୀବନର ଉନ୍ମେଷ ସହ । ଅଧିକାଂଶ ସାର୍ଥକ ଓ ଅସାର୍ଥକ ଲେଖକ ତା'ଙ୍କ ବାଲ୍ୟକାଳରୁ ହିଁ ଲେଖାଲେଖି ଆରମ୍ଭ କରିଥାନ୍ତି । ମୁଁ ତା'ର ବ୍ୟତିକ୍ରମ ନଥିଲି ।

● ଆଦ୍ୟ ଯୌବନର ଆର୍ଦ୍ର ଉତ୍ତପ୍ତ ଉଚ୍ଚାରଣ ପରବର୍ତ୍ତୀ ପର୍ଯ୍ୟାୟରେ ପରିବର୍ତ୍ତିତ ହୋଇଛି ଏକ ଶୀତଳ ଶୂନ୍ୟତାବୋଧର ଶୁକଉବାଚରେ- ଆପଣଙ୍କ କଥାକର୍ମର ଏ କଳାତ୍ମକ କାୟାନ୍ତର ପାଇଁ କିଏ ଦାୟୀ : ବିବର୍ଦ୍ଧିତ ବୟସ ନା ବିବର୍ତ୍ତିତ ବ୍ୟକ୍ତିତ୍ୱ ?

❖ ବୟସ ବଢ଼ିବା ସଂଗେ ସଂଗେ ଅନୁଭବ ବଢ଼ିଥାଏ, ଜୀବନ ପ୍ରତି ଦୃଷ୍ଟିଭଙ୍ଗୀ ମଧ୍ୟ ବଦଳିଥାଏ । ତେବେ, ବୟସ ବଢ଼ିବା କ୍ରମେ ମୋ ସାହିତ୍ୟକୁ ଏକ ଶୀତଳ ଶୂନ୍ୟତାବୋଧ ଆଛନ୍ନ କରିଛି ବୋଲି ମୁଁ ଭାବୁନାହିଁ । ମୋର ପ୍ରଥମ ପ୍ରକାଶିତ ଗଳ୍ପ ଭିତରେ ବି ଏକ ଶୂନ୍ୟବୋଧ ଥିଲା । 'ନିଃସଙ୍ଗତାର ସ୍ୱର' (୧୯୮୦) ଠାରୁ ଆରମ୍ଭ କରି 'ବୀତଂସ', 'ଆକାଶ ସେତୁ', 'ଲୁବ୍‌ଧକର ରାତି' ଓ 'ଆଜି ରାତିର ଗଳ୍ପ'ରେ ମଧ୍ୟ ଶୂନ୍ୟତାର ପାର୍ଶ୍ୱସଂଗୀତ ରହିଛି । ପୂର୍ଣ୍ଣଭାବ ଓ ଅପୂର୍ଣ୍ଣଭାବ ପରସ୍ପରର ପରିପୂରକ । ଅପୂର୍ଣ୍ଣତା ଭିତରେ ମଧ୍ୟ ଏକ ପୂର୍ଣ୍ଣତାର ଛାୟାପଥ ଉହ୍ୟ ରହିଥାଏ । ମୋର ନିକଟରେ ପ୍ରକାଶିତ 'ଶରଦଃ ଶତମ୍' ଉପନ୍ୟାସରେ ଶୂନ୍ୟତା ଓ ପୂର୍ଣ୍ଣତାର ଯୁଗଳବନ୍ଦୀ ଉତ୍କୀର୍ଣ୍ଣ ହୋଇଛି ।







କଥାକାର ତରୁଣକାନ୍ତିଙ୍କ ସହ ସମ୍ପାଦକ ବିଭୂତି ଜେନା

ତେବେ ଭାବପ୍ରବଣତା ଓ ଜୀବନ ସଂପର୍କରେ ଏକ ନାଟକୀୟ ପ୍ରତ୍ୟାଶା ଯଦି କିଛି କମି ଯାଇଥାଏ, ସେଥିପାଇଁ ମୋର ବର୍ଦ୍ଧିଷ୍ଣୁ ବୟସକୁ କିଛି ପରିମାଣରେ ଦାୟୀ କରାଯାଇପାରେ ।

● ନେପଥ୍ୟ-କୋଳାହଳକାରୀ ଚରିତ୍ରମାନଙ୍କର ଚଟିଘର ପରି ଆପଣଙ୍କ ଗଳ୍ପ । ସେଇ ଚଟିଘରୁ ଶୁଭୁଥାଏ ଘଟଣାର ଘୂର୍ଣ୍ଣିଘେରରେ ଥାଇ ନିଜ ଆୟତ୍ତାତୀତ ପରିବେଶର ପରିଧିରୁ ମୁକ୍ତି ପାଇଁ ଛଟପଟ ହେଉଥିବା ଚରିତ୍ରଟିର ଛିନ୍ନ ଅଥଚ ନିଃଶବ୍ଦ ଚିତ୍କାର ! ଏହା କଣ ଆପଣଙ୍କ ନିଜସ୍ୱ ଅନ୍ତଃପୁରୁଷର ଅତୃପ୍ତ ଆତ୍ମବୋଧ ନା ବର୍ତ୍ତମାନକାଳୀନ ବିଭକ୍ତ ବ୍ୟକ୍ତିତ୍ୱର ବ୍ୟକ୍ତ ବ୍ୟବଚ୍ଛେଦ ?

❖ ଏହା କିଛି ପରିମାଣରେ ମୋ ନିଜର ଅନ୍ତଃସ୍ୱର, ପୁଣି କେତେକାଂଶରେ ମୁଁ ଶୁଣିପାରୁଥିବା ଆଉ କାହାରି ସ୍ୱର ।

● କେବେକେବେ ଘଟଣା-ଚରିତ୍ର-ପରିବେଶ ନିର୍ବିଶେଷରେ ଆପଣଙ୍କ ଗଳ୍ପ ଆଙ୍କିଦେଇଥାଏ ଏକ ଐନ୍ଦ୍ରିଜାଲିକ ବାସ୍ତବତା । କେଉଁଠି କେଉଁଠି ପୁଣି ଗଳ୍ପର ଭାବସତ୍ତା ଭୌତିକ ଭିତ୍ତିର ଭୂଚିତ୍ରରୁ ଉନ୍ମୁଖ ହୋଇଥାଏ ଏକ ଆଧିଭୌତିକ ଆୟତନ ଆଡ଼କୁ । ସମକାଳୀନ ସମାଜବ୍ୟବସ୍ଥା ପ୍ରତି ଏହା ଆପଣଙ୍କ ବ୍ୟକ୍ତିମାନସର ବିତୃଷ୍ଣା, ବୈରାଗ୍ୟ ନା ବିଦ୍ରୋହ ?


❖ ବିଦ୍ରୋହ ଭାବ ଶିଳ୍ପୀମାନସର ଚିରନ୍ତନ ସ୍ୱର । ବିଦ୍ରୋହ ଭାବରେ କିଛି ବିତୃଷ୍ଣା ଅବଶ୍ୟ


ଥାଏ, କିନ୍ତୁ ତା'ଠାରୁ ଅଧିକ ପ୍ରଗାଢ଼ ଥାଏ ତୃଷ୍ଣା । ସତ୍ୟ, ଶିବ ଓ ସୁନ୍ଦର ପ୍ରତି ଥିବା ଅନୁରକ୍ତି ତୃଷ୍ଣାକୁ ପରିପୁଷ୍ଟ କରିଥାଏ ।

ତତ୍ତ୍ୱବିତ୍‌ମାନେ କହନ୍ତି, ସମାଜ ବୋଲି କିଛି ନାହିଁ । ମଣିଷ ସମାଜରେ ବାସ ମଧ୍ୟ କରେନାହିଁ । ମଣିଷ ବଂଚିଥାଏ ଏକ ସୀମିତ ପରିଧି ଭିତରେ, ସମାଜର ଅଧିକାଂଶ ବିଭାବ ଓ ବିଶ୍ୱାସ ତା' ଜୀବନକୁ ସ୍ପର୍ଶ ସୁଦ୍ଧା କରେନାହିଁ । ମୋ ଲେଖାର ଉପଜୀବ୍ୟ ସମାଜ ନୁହେଁ । ବ୍ୟକ୍ତି ମୋ କାହାଣୀର ଉପଜୀବ୍ୟ । ଏକ ସୀମାବଦ୍ଧ ପୃଥିବୀ ଭିତରେ ଜୀବନ ଓ ମୃତ୍ୟୁର ଦୃଶ୍ୟ, ଦୃଶ୍ୟାନ୍ତର ଦେଖି ହତବାକ୍ ହୋଇଯାଉଥିବା ମଣିଷ ହିଁ ମୋ କାହାଣୀର ନାୟକ । ସବୁ ସମୟରେ ।

• **ଅସହାୟ ଅନ୍ତରଙ୍ଗତା ଏବଂ ଦୂରସୁଦୂରର ସ୍ୱରକୁ ସାଉଁଟିଆଣି ନିକଟତମ ନିର୍ଜନତାର କଥକୀୟ କୁହୁକ ଅନାୟାସରେ ସୃଷ୍ଟି କରିଦିଅନ୍ତି ଆପଣ । ଧରନ୍ତୁ ଯେମିତି 'ଆଜି ରାତିର ଗଳ୍ପ'-ପାବ୍‌ଲୋ ନେରୁଦାଙ୍କ 'Tonight I shall write the saddest lines' ପରି ଯାହାର ପ୍ରଥମ ବାକ୍ୟ ଆରମ୍ଭ ହୋଇଛି : ଆଜି ରାତିରେ ମୋତେ ଗଳ୍ପଟିଏ ଲେଖିବାକୁ ପଡ଼ିବ ।**

*ବୟସର ଅୟସରେ*







*ଜଳପ୍ରପାତ ପୃଷ୍ଠଭୂମିରେ ପତିପତ୍ନୀ*

ଆଜି ରାତି ସୁଦ୍ଧା ।

ଏ ଗଳ୍ପ- ଗଳ୍ପାଂଶରେ ଗର୍ଭବତୀ । ବହୁ ଭାବକହ୍ବର ଭଗ୍ନାବଶେଷ ଭିତରୁ ଉଙ୍କିମାରେ ଅପ୍ରତ୍ୟାଶିତ ଏକ ଅଚିହ୍ନା ଅତୀତର ଅସ୍ଫୁଟ ଆର୍ତ୍ତନାଦ । କ୍ରସ୍ କନେକ୍‌ସନ୍ ସୂତ୍ରରେ ରାତି ଦୁଇଟା ପରେ ଗୋଟିଏ ଅଜଣା ଝିଅର ଝାପ୍‌ସା ଝୁରି ମରିବାର ସ୍ୱର ଟେଲିଫୋନ୍‌ରେ : ଖାଲି ଏଇ ଶେଷଥରକ ମୋ କଥା ଶୁଣ, ଏଇ ଶେଷଥର । ....ଅମିତାଭ, ମୁଁ ତୁମକୁ ଆଉ ଫୋନ୍ କରିବି ନାହିଁ । ମୋର ତୁମକୁ ଯାହା କହିବାର ଥିଲା, ସବୁ କହିସାରିଛି । ଆଉ ମୋର କିଛି କହିବାର ନାହିଁ । ....ଖାଲି ଏତିକି କହିବି, ଯଦି ତୁମେ ଆଜି ରାତିରେ, ସକାଳ ହେବା ଆଗରୁ, ମତେ ଥରଟେ ଫୋନ୍ ନକର, ପଦେ ବି କଥା ନକୁହ, ତେବେ ମୁଁ ଆତ୍ମହତ୍ୟା କରିଦେବି । ବିଷ ପିଇ ।

କାଲି ସକାଳର ଆରମ୍ଭ କେମିତି କୁହାଯାଇପାରିବନି କିଛି, କିନ୍ତୁ ଆଜି ରାତି ସୁଦ୍ଧା ଶେଷ ହେବ ଗଳ୍ପ - ଅଥଚ ଅବଚେତନକୁ ଏଣେ ଛାଇ ସାରିଲାଣି ଅଶେଷ ଅକାତକାତ ଅନ୍ଧାର : ମତେ ଲାଗୁଛି ଏ ରାତି ପାହିବ ନାହିଁ, ବଢ଼ିଚାଲିବ ଅନନ୍ତ କାଳଯାଏ । ମତେ ବଡ଼ କଷ୍ଟ ଲାଗୁଛି, ବଡ଼ ନିରୁପାୟ ।

ଅନେକଟା ଆଣ୍ଟି-ଷ୍ଟୋରୀଧର୍ମୀ ଏ ଗଳ୍ପ- ଯାହା ଆମକୁ କଢ଼ାଇ ନେଇଯାଏ କୁହୁକୁହୁ କୁହୁଡ଼ି କୂଳର ଅନନ୍ୟୋପାୟ ଅକଥନୀୟତା ଆଡ଼କୁ ।



ଫୁଲରେ ଫୁଲରେ ଫୁର୍ତ୍ତି

**କେଉଁ ମନୋସ୍ଥିତିରେ ମହକି ଉଠିଥାଏ ଏଭଳି ଗଳ୍ପ ?**

❖ ଏ ନିରୁପାୟ ଭାବ ଓ ଏ ଯନ୍ତ୍ରଣା ହୁଏତ ପ୍ରତ୍ୟେକ ଶିଳ୍ପୀର ସହଜାତ । 'ଆଜି ରାତିର ଗଳ୍ପ'ଟି ପଢ଼ିସାରି ଦିନେ ଅତି ସକାଳୁ ଆମ ସମୟର ବିସ୍ମୟ ପୁରୁଷ ରମାକାନ୍ତ ରଥ ମୋତେ ଫୋନ୍ କରି କହିଥିଲେ ଯେ ଏ ଗଳ୍ପଟି ତାଙ୍କୁ ଗଭୀର ଭାବେ ସ୍ପର୍ଶ କରିଛି ଓ ଏଥିରେ ନିହିତ ଥିବା ଅନୁଭବ ତା'ଙ୍କ ମନୋରାଜ୍ୟରେ ବି ରହିଛି । ମଣିଷର ଅସହାୟପଣ ଓ ତଦ୍‌ଜନିତ ଯନ୍ତ୍ରଣା ସାହିତ୍ୟର ପ୍ରାଚୀନତମ ସ୍ୱର । ଆଦିକବି ବାଲ୍ମିକୀଙ୍କର ପ୍ରଥମ ଉଚ୍ଚାରଣରେ ହିଁ ସେହି ଦୁଃଖ, ସେହି କାରୁଣ୍ୟ ମର୍ମରିତ ହୋଇଥିଲା ।

**● ଆପଣଙ୍କ ଗଳ୍ପ ହୃଦୟ ଓ ମସ୍ତିଷ୍କର ମିଳନକ୍ଷେତ୍ର । ଆଶ୍ଳେଷରେ ଆରମ୍ଭ, ଶ୍ଳେଷରେ ଶେଷ- ଏଇଭଳି ପରିଣତିକୁ ନେଇ ମଧ୍ୟ ଆପଣଙ୍କର ଅନେକ ଗଳ୍ପର ଗତିଶୀଳତା ଅବାକ୍ କରିଦିଏ ପାଠକକୁ । ମାତ୍ର ସବୁ ସତ୍ତ୍ୱେ ଆମକୁ ଯାହା ଅଭିଭୂତ କରିରଖେ, ତା' ହେଉଛି କେମିତି ଗୋଟାଏ ଅନ୍ତରୀଣ ବିଷଣ୍ଣତାବୋଧ । କାରଣଟା କ'ଣ ? ଏହ କ'ଣ ଆପଣଙ୍କ କଥାପୁରୁଷର ଏକାନ୍ତ ଆତ୍ମାନୁଭୂତ ଶୀତାର୍ତ୍ତ ଶୂନ୍ୟତା ?**

ଉତ୍ତର- ମୋ ଲେଖାରେ ରହିଥିବା ବିଷଣ୍ଣ ଏକ ନକାରାତ୍ମକ ଆତ୍ମଧ୍ୱଂସୀ ଅଭିବ୍ୟକ୍ତି ନୁହେଁ । ଶୂନ୍ୟତା ଭିତରେ ଏକ ପୂର୍ଣ୍ଣ ଅନୁଭବ ଖୋଜିବାକୁ ମୁଁ ବହୁବାର ଚେଷ୍ଟା କରିଛି । ଦୃଷ୍ଟାନ୍ତ ସ୍ୱରୂପ, ମୁଁ ଆପଣଙ୍କ ଦୃଷ୍ଟି ଆକର୍ଷଣ କରିବି 'ସଂପର୍କ', 'ସଂଚାର ପଥ' ଓ 'ଅଜଣା ତିଥିର ଜହ୍ନ' ଭଳି କେତେକ ଗଳ୍ପ ପ୍ରତି । ଏଥିରେ ଯେଉଁ ଶୂନ୍ୟବୋଧ ରହିଛି, ତାହା କଳା ଅନ୍ଧାର ରାତିର ବାଟହଜା ଶୂନ୍ୟତା ନୁହେଁ । ଏଥିରେ ରହିଛି ଶୂନ୍ୟ ବେଳାଭୂମିର ବିସ୍ତୀର୍ଣ୍ଣ ସମ୍ଭାବନା ।


**● କାହାଣୀର କଥନରୁ ଆରମ୍ଭ ହୋଇଥିବା ଆପଣଙ୍କର ପ୍ରତ୍ୟେକ ଗଳ୍ପ କେତେବେଳେ ଶେଷ ହୋଇଯାଏ ଏକ ନିଃଶବ୍ଦ ନିଃଶ୍ୱାସରେ ତ ଆଉ କେତେବେଳେ ଏକ ବିବାକ୍ ବିଶ୍ୱାସବୋଧରେ । ଏପରି ପରିଣତି କ'ଣ ଆପଣଙ୍କର ପୂର୍ବ ପ୍ରସ୍ତୁତ ପରିକଳ୍ପନା ନା ଗଳ୍ପଗଠନ ପରର ପାରିବେଶିକ ପ୍ରେରଣା ? ଗପଟିଏ ଜପ ହୋଇଯାଏ ନା ଜଳ୍ପନା ?**

❖ କେତେକ ଗଳ୍ପ ଆପେ ଆପେ ଲେଖିହୋଇଯାଏ, ସତେ ଯେମିତି କେହିଜଣେ ଅନ୍ତରାଳରେ ରହି ଶ୍ରୁତଲିଖନ ଡାକୁଛି । ଆଉ କେତେକ ଗଳ୍ପ ଓଜନିଆ ପଥର ପରି ଲଦି ହୋଇ ରହିଥାଏ ମୁଣ୍ଡ ଉପରେ, ପାଦ ଟଳମଳ ହେଉଥାଏ, ପାହୁଣ୍ଡେ ଆଗକୁ ଯିବାର ସାମର୍ଥ୍ୟ ବି ନ ଥାଏ । ପୁଣି ପଛକୁ ବି ଫେରି ହେବନାହିଁ, କାରଣ ପଛରେ ଅପେକ୍ଷା କରିଥାଏ ବ୍ୟର୍ଥତାର ଜଟିଳ ଆବର୍ତ୍ତ । ହଜାର ହଜାର ଫୁଟ ତଳେ । ମୁଁ କେତେକ ଗଳ୍ପ ଗୋଟିଏ ରାତିରେ ବସି ଶେଷ କରିଦେଇଛି, ଯେପରିକି 'ଆଜି ରାତିର ଗଳ୍ପ' । ପୁଣି କେତେକ ଗଳ୍ପ ରହିଛି, ଯାହା ଶେଷ କରିବାକୁ ମୋତେ ଦଶବର୍ଷ ଅପେକ୍ଷା କରିବାକୁ ପଡ଼ିଛି । ଉଦାହରଣ ସ୍ୱରୂପ 'ପ୍ରହରୀ' ।

**● ଗଳ୍ପର ଗବାକ୍ଷରେ ଉଙ୍କିମାରୁଥିବା ମୁହଁମାନ କ'ଣ କେବଳ କଥିତ କୁଶୀଲବ ନା କଳ୍ପିତ ଚରିତ୍ରମାନଙ୍କର ମୁହଁ ? ଚରିତ୍ରମାନଙ୍କର ଗ୍ରୁପ୍ ଫଟୋଗ୍ରାଫ୍ ପରି ମନେହେଉଥିବା ଆପଣଙ୍କ ଗଳ୍ପରେ କ'ଣ ଆପଣଙ୍କର ନିଜ ମୁହଁଟିକୁ କେବେ ଚିହ୍ନାଇଦେବାକୁ ଚେଷ୍ଟା କରିନାହାନ୍ତି ଆପଣ ? ନା - ଚରିତ୍ରମାନଙ୍କ ମୁହଁଟିମାନ ଆପଣଙ୍କ ନିଜ ମୁହଁର ଗୋଟିଏ ଗୋଟିଏ ମୁଖା ?**

❖ ଯେତେ ଚେଷ୍ଟା କଲେ ବି ଜଣେ ଲୋକ ତାର ବ୍ୟକ୍ତିତ୍ୱକୁ ଲୁଚାଇ ରଖି ପାରିବ ନାହିଁ । ତା' ମନର ରହସ୍ୟ ସେ ଲେଖିଥିବା କଥା ଓ କବିତାରେ ନିଶ୍ଚୟ ଅଭିବ୍ୟକ୍ତି ପାଇଥିବ । କିନ୍ତୁ ତା' ଅର୍ଥ ନୁହେଁ ଯେ, ସେ ଗଢ଼ିଥିବା ପ୍ରତ୍ୟେକ ଚରିତ୍ର ସେ ନିଜେ । ନିଜର କୌଣସି ପ୍ରତ୍ୟକ୍ଷ ଅନୁଭୂତି ନ ଥାଇ ସୁଦ୍ଧା ସୁନ୍ଦର କାହାଣୀଟିଏ ଲେଖାଯାଇପାରେ । ଆମେରିକାର ପ୍ରସିଦ୍ଧ ଔପନ୍ୟାସିକ ଷ୍ଟିଫେନ୍ କ୍ରେନ୍ 'The Red Badge of Courage' ନାମକ ଏକ ଉପନ୍ୟାସ ଲେଖିଥିଲେ । ଆମେରିକାର ଗୃହଯୁଦ୍ଧ ଏ ଉପନ୍ୟାସର ଉପଜୀବ୍ୟ । ଏ ଉପନ୍ୟାସଟି ଲେଖିବା ସମୟରେ ଷ୍ଟିଫେନ୍ କ୍ରେନ୍‌ଙ୍କ ବୟସ ଥିଲା ମାତ୍ର ବାଇଶି ବର୍ଷ । ଯୁଦ୍ଧ ଅଭିଜ୍ଞତା ତ ଦୂରର କଥା, ଷ୍ଟିଫେନ୍ କ୍ରେନ୍ ସେପର୍ଯ୍ୟନ୍ତ ଗୋଟିଏ ବନ୍ଧୁକ ମଧ୍ୟ ଆଖିରେ ଦେଖି ନଥିଲେ । ଅଥଚ ଏହି ଉପନ୍ୟାସଟି ଆମେରିକାର ଶ୍ରେଷ୍ଠ ଦଶଟି ଉପନ୍ୟାସ ଭିତରୁ ଗୋଟିଏ ।

ସଂସାରର ସାରେଗାମା



ଅଭିଜ୍ଞତା ବିଷୟରେ ଯଦି କୁହାଯାଏ, ତେବେ ପଚରାଯାଇପାରେ ବିଶ୍ୱ ପ୍ରସିଦ୍ଧ ଔପନ୍ୟାସିକ ଆଗାଥା କ୍ରିଷ୍ଟି ତାଙ୍କ ଜୀବନରେ କେତୋଟି ନରହତ୍ୟା କରିଥିଲେ ?

ଶିଳ୍ପୀର କଳ୍ପନାଲୋକ ତା'ର ଜଣାଶୁଣା ସଂସାରଠାରୁ ଅଧିକ ବିସ୍ତୀର୍ଣ୍ଣ, ରହସ୍ୟମୟ ଓ ସମ୍ଭାବନାପୂର୍ଣ୍ଣ । ଛୋଟବଡ଼ ସବୁ ଶିଳ୍ପୀଙ୍କ କ୍ଷେତ୍ରରେ ଏହା ପ୍ରଯୁଜ୍ୟ । ମୁଁ ତା'ର ବ୍ୟତିକ୍ରମ ନୁହେଁ ।

● ଆପଣଙ୍କ ଗଳ୍ପରେ ଚରିତ୍ରମାନେ ଆସନ୍ତି ବିନା ଭୂମିକାରେ । ସେମାନଙ୍କୁ ଅପେକ୍ଷା କରିବାକୁ ପଡ଼େନି ଗଳ୍ପକାରର ପରିଚିତ ପ୍ରଦାନ ପର୍ଯ୍ୟନ୍ତ । ସେଥିପାଇଁ ଭୂରି ଭୂରି ବର୍ଣ୍ଣନା ବା ଲେଖକୀୟ ତର୍ଜମା ଅପେକ୍ଷା ଚରିତ୍ରମାନଙ୍କ ଚଲାବୁଲା ଆଉ ପାରସ୍ପରିକ ସ୍ୱଗତ ଓ ସଂଳାପ ଦ୍ୱାରା ହିଁ ନିର୍ଧାରିତ ହୋଇଥାଏ ସେମାନଙ୍କ ନିଜସ୍ୱ ସଂପର୍କର ସଂସାରଟିଏ- ଯାହାକୁ ତରୁଣକାନ୍ତି ମିଶ୍ରଙ୍କ ଗଳ୍ପଜଗତ ରୂପରେ ଚିହ୍ନଟ କରେ ଚିହ୍ନରା ପାଠକ । କୌଣସି କିତାବୀ ଦର୍ଶନର ଧାର୍ ନଧାରି ସିଧାସଳଖ ସରଳ ଗପଟିଏରୁ ହିଁ ଆରମ୍ଭ ହୁଏ ଆପଣଙ୍କ ଗଳ୍ପ, ଅଥଚ ଏ ସରଳରେଖା ସୃଷ୍ଟି କରେ ଏକ ବିଚିତ୍ର ବୃତ୍ତବୋଧ- ବୈଜ୍ଞାନିକ ଫ୍ରେଡ଼େରିକ୍ କେକୁଲେଙ୍କ ଠିକ୍ ସେଇ ସ୍ୱପ୍ନର ସରୀସୃପ ପରି, ଯିଏ ଫଣା ଟେକିଲେ ସରଳରେଖା- କିନ୍ତୁ ଲାଞ୍ଜ କାମୁଡ଼ି ଶୋଇପଡ଼ିଲେ ବୃତ୍ତଟିଏ । ସେଥିପାଇଁ କୌଣସି ତତ୍ତ୍ୱର ତର୍ଜମା ନଥାଇ ମଧ୍ୟ ଆପଣଙ୍କ ଆପାତ- ସରଳ ଗଳ୍ପସବୁ ବେଶ୍ ଦାର୍ଶନିକ ଦାର୍ଶନିକ ଦିଶେ ଶେଷ ଧାଡ଼ିର ଦର୍ପଣରେ ।

ଆପଣଙ୍କର ଏ ସ୍ୱତନ୍ତ୍ର ଦୃଷ୍ଟିର ଗଳ୍ପକାରିତା ସଂପର୍କରେ ଅଧିକ ବ୍ୟାଖ୍ୟା କରିବେ କି କିଛି ?

❖ ବୈଜ୍ଞାନିକ ଫ୍ରେଡ଼େରିକ୍ କେକୁଲେଙ୍କ ଏହି ତତ୍ତ୍ୱଟି ଏକ ଅପରିପକ୍ୱ ଅବବୋଧ ପରି ରହିଥିଲା ମୋ ମନ ଭିତରେ, ବହୁତ ଦିନରୁ । ଯେଉଁଠି ମୁଁ ମୋର ଅନ୍ତଃଭାଷାକୁ ବୁଝିବାରେ ଅସମର୍ଥ ହୋଇଛି, ସେତେବେଳେ



ମୁଁ ତା'କୁ ଆବିଷ୍କାର କରିଛି ଅନ୍ୟମାନଙ୍କ ଜୀବନରେ ଓ ସେମାନଙ୍କ ଲେଖା ଭିତରେ । ମୁଁ କୌଣସି ନିର୍ଦ୍ଦିଷ୍ଟ ଦର୍ଶନ କିମ୍ବା ସାହିତ୍ୟିକ ମତବାଦ୍ ଦ୍ୱାରା ପ୍ରଭାବିତ ଲେଖେନାହିଁ ।

● ଗଳ୍ପର ଗହଳି ଭିତରେ ଆପଣ ଅଜ୍ଞାତସାରରେ ଆଙ୍କିଦିଅନ୍ତି କିଛି କିଛି ନିର୍ଜନ କବିତାର ଘନକୁହୁଡ଼ି ପବନର ସ୍ପର୍ଶରେ ଏବେ ଥିଲା ଅଧିକ ଆର୍ଦ୍ରତା ।

....ସେଇ ପୁରୁଣା ମୁହଁ, ପରିଚିତ ସୁଖଦୁଃଖ, ଚିହ୍ନା ଚିହ୍ନା ରାତିଦିନ । (ଅବରୋହ)

ଚାରିପାଖେ ସେଇ ପରିଚିତ ଦୃଶ୍ୟ, ସେଇ ଚିହ୍ନା ଚିହ୍ନା ଅନୁଭବ ।

....ସମୟର ତୀର୍ଯ୍ୟକ୍ ରେଖା କଣ ବୃତ୍ତ ପାଲଟିଯାଇଛି ଏଇଠି ?

....ବିଲମାଳ ଭିତରେ ପବନ ଲୁଚକାଳି ଖେଳୁଥିଲା ଅମାନିଆ ପିଲାଟିଏ ପରି ।

....କୁଆଡ଼େ ଗଲା ସେ ଝିଅଟି ?

କେହି ନାହିଁ କୁଆଡ଼େ, ସବୁଆଡ଼ ନିର୍ଜନ, ନିକାଞ୍ଚନ । (ସମୟ)

ମିଥୁନମାସ ହରିଶୟନ ଏକାଦଶୀ ଆଗରୁ ଦିନେ ମୋର ପରୁଆନା ଆସିଯିବ । ସେ ରାତିଟି ଥିବ କୃଷ୍ଣ ପକ୍ଷର ଗୋଟେ ବେଯୋଡ଼ ତିଥି, ଭୀଷଣ ବର୍ଷା ହେଉଥିବା ରାତିସାରା, କେହି ନଥିବେ ମୋ ପାଖରେ । ସେତିକି ବେଳେ ମୋର ସବୁ ଦୁଃଖ ଚାଲିଯିବ, ସବୁ ଦୁଃଖ ଧୋଇ ହୋଇଯିବ ସେ ରାତିରେ । (ଆକାଶ ସେତୁ)

ଆକାଶରେ ଜହ୍ନ ନାହିଁ, ମେଘମୁକ୍ତ ଆକାଶରେ ପୁଞ୍ଜା ପୁଞ୍ଜା ତାରା, ଗଣିତ ବହିର ଦୁର୍ବୋଧ୍ୟ ସୂତ୍ରପରି । (କେହିଜଣେ ଆତତାୟୀ)

ଏବେ ସେ ଶୋଇପଡ଼ିବାକୁ ଚାହେଁ, ଯଦି ସମ୍ଭବ ତା'ପାଖେ ବସିଥିବା ଏଇ ଝିଅଟି କୋଳରେ ହିଁ । ଯଦି ସମ୍ଭବ । (ଦୂର ଅନ୍ତରୀପ)

ଆରତୀର ଛାତି ଏତେ ଟିକିଏ ବି କଂପି ଉଠିଲା ନାହିଁ । ମେଘପବନ ଅନ୍ଧାର ଭିତରେ ନିଶ୍ଚୟ ଏଇଠି କେହିଜଣେ ତା' ଉପରେ ଆଖି ରଖିଛି- ହୁଏତ ଭଗବାନ୍, ନ ହେଲେ ସୁଶାନ୍ତ । (ଅରଣ୍ୟ ଆଦିମ)

ତୁମକୁ ମୁଁ ଖରା ଦେଇଯାଉଚି, ବର୍ଷା ଦେଇଯାଉଚି, ଶୀତ ଦେଇଯାଉଚି । ମୁଁ ତୁମକୁ ହସ ଦେଇଯାଉଚି, ମୁଁ ତୁମକୁ କାନ୍ଦ ଦେଇଯାଉଚି । ତୁମେ ମୋର ଆତ୍ମା ନିଅ । ଦେହ ନିଅ । ରକ୍ତ ନିଅ, ମାଂସ ନିଅ, ପୂଯ ନିଅ, ବୀର୍ଯ୍ୟ ନିଅ । (ଅନ୍ୱୟ)



ମୋତେ ଲାଗେ, ଏ ପବନ ଉପରେ ମୋର ଅଧିକାର ନାହିଁ, ଅନ୍ୟର ଦୀର୍ଘଶ୍ୱାସରୁ ଉଦ୍‌ବୃତ୍ତ ଅମ୍ଳଜାନ ମୋ ଧମନୀ ଭିତରକୁ ଘେନି ଆସିବା ମୋ ପକ୍ଷରେ ଅନୁଚିତ୍, ଏକ ତସ୍କରର ଅପରାଧ ପରି ଜଘନ୍ୟ ଏ ବଞ୍ଚନା । (ତୈଜସ)

ତତେ ତୋ ଆଖିରାଣ, ବିଦ୍ୟାରାଣ, ମା କାଳୀଙ୍କ କୋଟି କୋଟି ରାଣ । (ଅଦେଖା ହାତ)



...ତୁମ ଘର ଏଠୁ କେତେଦୂର ବିଭୂତି, କୁହ କେତେଦୂର । (ଦୂରର ଅତିଥି)

ତାକୁ ବୋଧେ ଭାରି ହସ ଲାଗୁଥିଲା, କିମ୍ବା ଖୁବ୍ କାନ୍ଦ । (ଅବଶିଷ୍ଟ ଜହ୍ନରାତି)

ତୁମ ହାତ ସହିତ ମୋ ହାତ, ତୁମ ଦେହ ସହିତ ମୋ ଦେହ । ତା'ଠୁ ଅଧିକ କଣ ତୁମେ ଚାହିଁବ ଇହକାଳରେ, କିମ୍ବା ପରକାଳରେ । (ନୀଳ ଉପତ୍ୟକାର କାହାଣୀ)

ଗଳ୍ପାନ୍ତର୍ଗତ ଏଭଳି କବୋଷ୍ଣ କାବ୍ୟୋକ୍ତି ସମକାଳୀନ ବହୁ ସୂକ୍ଷ୍ମଦର୍ଶୀ କବିଙ୍କ ପକ୍ଷରେ ସୁଦ୍ଧା ଈର୍ଷଣୀୟ । ଗଳ୍ପ ଯେଉଁଠି କାହାଣୀକୁ କାରାମୁକ୍ତ କରିବାକୁ ଚାହେଁ ବା ଭାବ ଯେଉଁଠି ବସ୍ତୁତ୍ୱର ବଶ୍ୟ ହେବାକୁ ଚାହେଁନା- କ'ଣ ସେଇଠି ଆପେ ଆପେ ଅଙ୍କୁରି ଉଠିଥାଏ ଏଇସବୁ ଅର୍ଦ୍ଧକବିତାର ଉଭିନ୍ନ ଉଦ୍ଭିଦ ?

❖ ମୁଁ ସବୁବେଳେ ଚେଷ୍ଟା କରିଛି ମୋ ନିଜ ଢଙ୍ଗରେ ଓ ମୋ ନିଜ ଭାଷାରେ କାହାଣୀଟିଏ କହିବାକୁ, ବୋଧହୁଏ ସେଇଥିପାଇଁ ଅନେକ ପାଠକ ଓ ସମାଲୋଚକ କହିଥାନ୍ତି ଯେ, ମୁଁ ଜଣେ ଗତାନୁଗତିକ ଧାରାର ଲେଖକ । ବୈଚିତ୍ର୍ୟହୀନ ଓ ବିଶେଷତ୍ୱ ବିହୀନ । ମୋ ଦୃଷ୍ଟିରେ ଗଳ୍ପ ଏପରି ଏକ ମାଧ୍ୟମ, ଯେଉଁଥିରେ ରହିଛି କବିତାର କାବ୍ୟିକତା, ନାଟକର ରୋମାଞ୍ଚ ଓ ପ୍ରବନ୍ଧର ଶାଣିତ ପ୍ରଜ୍ଞା । ମୁଁ କେବେ ଚେଷ୍ଟା କରି ଲେଖାରେ କାବ୍ୟିକତା ଆଣି ନ... ନାଟକୀୟତା ଆପେ ଆପେ ଚାଲି ... କାହାଣୀର ପ୍ରବାହ ଭିତରେ । ... ପ୍ରବନ୍ଧର ପ୍ରଜ୍ଞା ମୋ ଲେଖାରେ ଅ... ନାହିଁ ମୁଁ କହିପାରିବି ନାହିଁ ।

● ବହୁ ଗଳ୍ପର ପରିସମାପ୍ତିରେ ନିଜ ଚ... ଚାରିପଟେ ଆପଣ ବଡ଼... କରିଦେଇଥାନ୍ତି ଧୂସର ଦୀର୍ଘଶ୍... ଆକାଶକୁ ଆଦିଗନ୍ତ ଶୂନ୍ୟତା, ମ... ମୃତସଭ୍ୟତାର ସମତଳ । ଚରି... ବାକିତକ ଚାଲିବା ସକାଶେ ଆ... ଆଗକୁ କିନ୍ତୁ ଯାହା ରହିଯାଇଥାଏ, କେବଳ ଗୋଟାଏ ନିର୍ଜନ ରା... ନହେଲେ ଶୂନ୍‌ଶାନ୍ ସେତୁ... ସେଥି... ଆପଣଙ୍କ ଗଳ୍ପ ଏକ ଦ୍ୱନ୍ଦ୍ୱାତ୍ମକ ବସ୍ତୁବ... ସମସ୍ତ ସମ୍ଭାବନା ସତ୍ତ୍ୱେ, ବ୍ୟକ୍ତି... ବ୍ୟଷ୍ଟିର ଦୁର୍ବୋଧ୍ୟ ଦୋଛକିରେ ... ବୁଲି ଅନୁପ୍ରବେଶ କରି କିପରି ... ସ୍ଥିତିବାଦୀ ଦର୍ଶନର ସ୍ଥିର ଚିତ୍ରମୟତା... କିମ୍ବା ଆହୁରି ଦୂରକୁ ଆଗୁସାର ... ହେଉ ଆଶ୍ରୟ ନିଏ ଏକ ଆଧିଭୌ... ଇନ୍ଦ୍ରଜାଲ ମଧ୍ୟରେ । ଏହା ... ଆପଣଙ୍କର ସ୍ୱଚ୍ଛନ୍ଦ ଶିଳ୍ପୀସତ୍ତାର ସହ... ସ୍ୱାଭାବିକତା ନା ଅବଦମିତ ବ୍ୟକ୍ତିସ... ଆରୋପିତ ଆଧ୍ୟାତ୍ମିକତା ?

❖ ଏ ପ୍ରଶ୍ନର ଉତ୍ତର ମୁଁ ଦେଇପାରିବି ନ... ସମ୍ଭବତଃ, ଏହା ମୋର ସହଜାତ... ସ୍ୱାଭାବିକ ଅଭିବ୍ୟକ୍ତି ।

● ଆପଣଙ୍କ ଆଦ୍ୟପର୍ଯ୍ୟାୟର ଅନ୍ତିମ ... 'ଅଜଣା ତିଥିର ଜହ୍ନ' ରେ ନି... ରାସ୍ତାରେ ଫେରି ଆସୁଥିବା ସେଇ ଏ... ଝିଅ ଏବଂ ପରିଣତ ପର୍ବର ପ୍ର... ଉପନ୍ୟାସ 'ଶରଦଃ ଶତମ୍'ରେ ନି... ଅନିଶ୍ଚିତ ଭବିଷ୍ୟତକୁ ଭେଟିବା ... ଆଗେଇ ଯାଉଥିବା ସେଇ ରାତ୍ରିଶେ... ରୂପସୀ ମଧ୍ୟରେ ଆପଣ ଅଙ୍କନ କରି... ନିଭୃତ ନାରୀଚରିତ୍ରର ଅତୀତ... ବର୍ତ୍ତମାନ...ପ୍ରେମର ସ୍ମୃତି ଓ ବୈରାଗ... ବିଭୂତି ମଧ୍ୟରେ- ସୁଚରିତାରୁ ସୁ... ପର୍ଯ୍ୟନ୍ତ ନାରୀଚରିତ୍ରର ଦିଗଦି...

**ପରିକ୍ରମା ପରେ- କେଉଁଠି କେଉଁ ସ୍ଥିତି ଓ ପରିସ୍ଥିତିରେ ଆମେ ଭେଟିବୁ ଆପଣଙ୍କର ଭବିଷ୍ୟତର ନାରୀକୁ- ନିମ୍ନଗାମିନୀ ନଦୀର ନିର୍ଜନତାରେ ନା ଊର୍ଦ୍ଧ୍ୱଚାରିଣୀ ନକ୍ଷତ୍ରର ଇନ୍ଦ୍ରନୀଳିମାରେ ?**

ମୋତେ ଜଣାନାହିଁ । ଅନ୍ଧାର ଭିତରେ ମୁକ୍ତା ଖୋଜିବା ପରି ମୁଁ ଚରିତ୍ରମାନଙ୍କୁ ସାଉଁଟିଥାଏ । ଚେଷ୍ଟା କରିଥାଏ ଚିହ୍ନିବାକୁ । ହୀରା ନିଳା ମୋତି ମାଣିକ ଖୋଜୁ ଖୋଜୁ ପୋଡ଼ା ଅଙ୍ଗାର ମଧ୍ୟ ମୁଁ ଗୋଟାଇଥାଏ ସେ ଅନ୍ଧାର ଭିତରେ । ତେବେ ମୋର କେତେକ ସହୃଦୟ ବନ୍ଧୁ ଓ ସମାଲୋଚକ ମାନେ କୁହନ୍ତି ଯେ ନାରୀ ଚରିତ୍ରର ଯେଉଁ ବିବିଧ ରୂପ ଓ ରହସ୍ୟ ରହିଛି, ତାହା ମୋତେ ଜଣାନାହିଁ । ନାରୀମାନେ ବାସ କରୁଥିବା ପୃଥିବୀର ବାସ୍ତବତା ମୋତେ ଆଦୌ ଜଣାନାହିଁ । ମୋଟାମୋଟି ସେମାନଙ୍କ ମତ ଯେ ମୁଁ ନାରୀ ଚରିତ୍ରକୁ ବୁଝିବାରେ ଅସମର୍ଥ । ମୋତେ ଜଣାନାହିଁ ମୋର ଅବଶେଷ ଲେଖାରେ ନାରୀ ଚରିତ୍ର କିଭଳି ବିକଶିତ ହେବ ଓ ନିକଟତର ହେବ ବାସ୍ତବତାର ।

**• ଘରର ପରିବେଶ ଲେଖା ପାଇଁ ଅନୁକୂଳ ଥିଲା କି ?**

❖ ହଁ । ଆମ ଘରେ ପଢ଼ା ପଢ଼ି ଲେଖାଲେଖି ପାଇଁ ସୁଯୋଗ ଥିଲା, ଆଦର ବି ଥିଲା । ମା' ବାପା ପଢ଼ାପଢ଼ି କରୁଥିଲେ । ମୁଁ ସେତେବେଳେ ଭାବୁଥିଲି ମୁଁ ଗୋଟେ ଲେଖକ ହେବି, ଆଇ.ଏ.ଏସ୍. ଅଫିସର ନୁହଁ । ମୁଁ ଗୋଟେ ଖାଂଟି ନିୟମିତ ଲେଖକ ହେବାର ସ୍ୱପ୍ନ ଦେଖୁଥିଲି ସେତେବେଳେ ।

**• ଆପଣ ଗୋଟେ ଲେଖକ ଓ ଗୋଟେ ପ୍ରଶାସକର ଜୀବନ ନିର୍ବାହ କରୁଛଂତି- ଏ ଦୁଇଟାର ସମନ୍ୱୟ କିଭଳି ଆସୁଛି ?**

❖ ସମନ୍ୱୟ ତ ବେଳେବେଳେ ଆସେନାହିଁ । ଗୋଟେ ପ୍ରଶାସକ ଯାଂତ୍ରିକ ଭାବେ ଆଇନ ବାଟରେ କାମ କରିଯିବ । ପ୍ରଶାସକ ଭାବେ କୌଣସି ଅପାରଗ ବା ଦୁର୍ନୀତିଗ୍ରସ୍ତ କର୍ମଚାରୀଂକୁ ମୁଁ ଚାକିରିରୁ ଅଂତର କରିଛି, ତେବେ ସେତେବେଳେ ସେହି କର୍ମଚାରୀଂକ ପରିବାର କଥା ଚିଂତା କରି ବ୍ୟଥିତ ବି




ହୋଇଛି । ସେ ଗୋଟିଏ ଜୀବନ, ଆଉ ଜୀବନଟି ମଣିଷ ଜୀବନ- ଯେଉଁଠି ହୃଦୟବତ୍ତା ରହିଛି । ଏ ଭିତରେ ସଂଘର୍ଷ ରହିଛି । ମୁଁ ଯେତେବେଳେ ଶିକ୍ଷା ବିଭାଗର ସେକ୍ରେଟାରୀ ଥିଲି, ଭାରତ ସରକାରଂକ ଠାରୁ ଟଙ୍କା ଆସିଥିଲା ସ୍କୁଲମାନଙ୍କୁ ଟି.ଭି. ସେଟ୍ ଯୋଗାଇଦେବା ପାଇଁ । ସେ ଟଂକା ଅନ୍ୟ ବାଟରେ ଖର୍ଚ୍ଚ ହୋଇପାରିବନି । ଜଣେ ପ୍ରଶକ୍କ ଭାବେ ଆଦେଶ ଅନୁଯାୟୀ କାମ କରିବାକୁ ପଡ଼ିବ । ହେଲେ ମଣିଷ ଭାବରେ ମୁଁ ଭାବୁଥିଲି- ରାଜ୍ୟର ଅନେକ ସ୍କୁଲର ଛାତ ନାହିଁ, ଶିକ୍ଷକଂକୁ ଦରମା ଦିଆଯାଇ ପାରୁନି, ସ୍କୁଲମାନଙ୍କରେ ଗ୍ଲୋବ୍‌ଟିଏ ନାହିଁ । ହୃଦୟବତ୍ତା ଓ କର୍ତ୍ତବ୍ୟ- ଏ ଦୁଇଟି ସଂଘର୍ଷରତ ।



□□□

# ଗାଳ୍ପିକଙ୍କ ପତ୍ନୀ ସୁନନ୍ଦାଙ୍କ ମୁହଁରୁ

● ଜଣେ ପାଠିକା ଭାବରେ ଆପଣ କେମିତି ଗ୍ରହଣ କରନ୍ତି କଥାକାର ତରୁଣକାନ୍ତିଙ୍କୁ ?

❖ ତାଙ୍କ ଲେଖାରେ ଏକ ସ୍ନିଗ୍ଧ ସରଳତା ରହିଛି । ମଣିଷ ପ୍ରତି ତାଙ୍କର ସହୃଦୟ ଦୃଷ୍ଟିଭଂଗୀ ମତେ ଭଲଲାଗେ ।

● ଏକାଧିକ ଗଳ୍ପରେ ତରୁଣକାନ୍ତିଙ୍କର ଧାଡ଼ିଏ ଘୋଷଣାନାମା ଆମେ ଭେଟିଥାଉ- 'ମୋର ପତ୍ନୀ ସୁନନ୍ଦା....' ତାଙ୍କ ଗଳ୍ପର ଦର୍ପଣରେ ପାଠକ ପାଠିକାଙ୍କୁ ଆପଣ ଯେଉଁଭଳି ଦିଶୁଥାନ୍ତି, ଆପଣ କ'ଣ ସତରେ ସେଇଭଳି ?

❖ କହିପାରିବି ନାହିଁ । ମୁଁ କେମିତି ନିଜେ ମତେ ଜଣାନାହିଁ । ଆଇନାରେ ମୁଁ ଯେଉଁ ମୁହଁ ଦେଖେ, ସେ ମୁହଁ ମଧ ଠିକ୍ ମୋର ନୁହଁ ।

● ବିବାହ ପୂର୍ବରୁ ଆପଣ ତରୁଣକାନ୍ତିଙ୍କୁ ଗଳ୍ପରେ ପଢୁଥିବେ ନିଶ୍ଚୟ । ବିବାହ ପରେ ବି । ଉଭୟ ପର୍ଯ୍ୟାୟ ମଧରେ ପ୍ରଭେଦ କିଛି ଅନୁଭବ କରିଛନ୍ତି କି ? ତାଙ୍କ ଜୀବନକ୍ଷେତ୍ରରେ ଆପଣଙ୍କ ଗୃହ ପ୍ରବେଶ ତାଙ୍କୁ ଗଳ୍ପ ରଚନା କ୍ଷେତ୍ରରେ ପ୍ରଭାବିତ କରିପାରିଛି କି କିଛିଟା ?


❖ ଉଭୟ ପର୍ଯ୍ୟାୟରେ ପ୍ରଭେଦ ରହିଛି ନିଶ୍ଚୟ । ତାଙ୍କ ଲେଖାର ଗଭୀରତା ବଢ଼ିଛି, ବ୍ୟାପ୍ତି ମଧ ଅଧିକ ହୋଇଛି । କିନ୍ତୁ ମୋ ଗୃହ ପ୍ରବେଶ ତାଙ୍କ ଲେଖାକୁ କେ
ପ୍ରଭାବିତ କରିଛି, କହିପାରିବି
ସେକଥା ହୁଏତ ସେ ନିଜେ ଜାଣି


● ତାଙ୍କର କେଉଁ ଗଳ୍ପ ଆପଣଙ୍କ ପାଇଁ
ଗଳ୍ପ ? କେଉଁ ଗଳ୍ପରେ ଆପଣ ନି
ଚିତ୍ରିତ ଚରିତ୍ର ? କେଉଁ ଗଳ୍ପ
ଆପଣଙ୍କର ମନେହୁଏ ଯେ- ଆହା
ଏଇ ଗଳ୍ପର ଗୁମ୍ଫାରେ ଥା'ନ୍ତି କି
ହୋଇ ?

❖ କୌଣସି ଗୋଟିଏ ଗପକୁ ଶ୍ରେଷ୍ଠ ଗଳ୍ପ
କହିବା ଭାରି କଷ୍ଟ । ମତେ ଭଲ ଲା
ଗଳ୍ପ ତାଲିକାରେ ରହିବ, 'ସୁ
ଠିକଣା', 'ସଂପର୍କ', 'ପ୍ର
'ଅବରୋହ' ଓ 'ଲୁବ୍‌ଧକର ରାତି'
କେଉଁ ଗଳ୍ପରେ ଚିତ୍ରିତ ଚରିତ୍ର
ଜଣାନାହିଁ । ତରୁଣକାନ୍ତିଙ୍କର କେ
ଗଳ୍ପରେ ମୋ ଚରିତ୍ର କିଛି ଅଂଶ
ବୋଲି ମୁଁ ଅନୁମାନ କରେ
ଉଦାହରଣତଃ 'ନୀଡ଼' ଓ 'ଆଜି
ଗଳ୍ପ' ।

● ତରୁଣକାନ୍ତିଙ୍କ ପ୍ରେମଗଳ୍ପ ପଢ଼ି ଆପ
କ'ଣ କେବେ ଗଳ୍ପ ନାୟିକା ପ୍ରତି
ହୋଇଥାଏ କିଛିଟା ?

❖ ଆଦୌନୁହେଁ । ମତେ ଲାଗେ ସେ
ଅଂଶବିଶେଷ ।





● ଗଳ୍ପ ଲେଖୁଥିଲେ ହେଁ ଗଳ୍ପକାରଟିଏ ଗପୁଡ଼ି ନୁହେଁ- ବିଶେଷତଃ ନିଜ ପତ୍ନୀ ନିକଟରେ, ପରିବାର ପାଖେ । ଏଥିନେଇ କିଛି ଦୁଃଖ ?

❖ ତରୁଣକାନ୍ତି ମୋ ପାଖରେ ଗପୁଡ଼ି ନୁହଁନ୍ତି ବୋଲି କେମିତି ଜାଣିଲେ ?

● ସ୍ୱାମୀ ଓ ସାହିତ୍ୟିକ- ଏ ଉଭୟ ପରିଚିତିରେ ତରୁଣକାନ୍ତି କେମିତି ଲାଗନ୍ତି ଆପଣଙ୍କୁ ? ଏ ଉଭୟ ଭୂମିକାରେ ତାଙ୍କର କେଉଁ ଗୁଣ ଆପଣଙ୍କୁ ଭଲ ଲାଗେ, କେଉଁ ଦୋଷ ଖରାପ ?

❖ ସ୍ୱାମୀ ହିସାବରେ ତାଙ୍କ ସ୍ୱଚ୍ଛତା ଓ ଅନୁରକ୍ତି ମତେ ଭଲଲାଗେ । ସାହିତ୍ୟିକ ହିସାବରେ ତାଙ୍କର ସହୃଦୟ ମାନବିକତା ମୋ ମନକୁ ଛୁଏଁ । କିନ୍ତୁ ତାଙ୍କର କ୍ଷଣକୋପୀ ସ୍ୱଭାବ ମୋତେ ଅନେକ ସମୟରେ ବିବ୍ରତ କରିଦିଏ ।

● ତରୁଣକାନ୍ତିଙ୍କ ଗଳ୍ପ ଗଢ଼ା ଶେଷରେ ଆପଣ ମତାମତ ଦେଉଥିବେ ତ କିଛି କିଛି- ଆପଣଙ୍କ ମତକୁ ସେ ମର୍ଯ୍ୟାଦା ଦିଅନ୍ତି କେତେଦୂର ?

❖ ଗଳ୍ପ ଲେଖୁ ଲେଖୁ ସେ ଉଠି ଆସନ୍ତି ଚଉକିରୁ । ମତେ ନାନା ପ୍ରଶ୍ନ ପଚାରନ୍ତି, ଚରିତ୍ର ଓ ଘଟଣାକ୍ରମକୁ ନେଇ । ଗପଲେଖା ସରିବା ମାତ୍ରେ ମତେ ସବୁ କାମ ଛାଡ଼ି ଗପଟିକୁ ପଢ଼ିବାକୁ ହିଁ ପଡ଼ିବ, ମନ୍ତବ୍ୟ ମଧ୍ୟ ଦେବାକୁ ପଡ଼ିବ । ଗଳ୍ପର ଦୋଷତ୍ରୁଟି ଶୁଣିଲେ, କେମିତି ସଂଶୋଧନ କରିବେ, ଭାବନାରେ ହଜିଯା'ନ୍ତି । ଗଳ୍ପ ଖରାପ ହୋଇଛି କହିଲେ, ସେ ହତାଶ ହୋଇଯାଆନ୍ତି ।

● ଆପଣ ନିଜେ ଉଚ୍ଚ ଶିକ୍ଷିତା ମାତ୍ର ସରକାରୀ ସିରସ୍ତାଆଡ଼େ ରାସ୍ତା କାଟିନାହାନ୍ତି- କ'ଣ ନିଜ ଇଚ୍ଛାରେ ନା ପାରିବାରିକ ପ୍ରୟୋଜନର ଦାବିରେ ?

❖ ପାରିବାରିକ ପ୍ରୟୋଜନ ହେତୁ ।

● କେଉଁଥିରେ ଗର୍ବ- ପ୍ରଶାସକର ପତ୍ନୀତ୍ୱରେ ନା ଲେଖକର ବଧୂତ୍ୱରେ ? ସତ କହିବେ, ଯାହା କହିବେ...

❖ ସାହିତ୍ୟ ଓ ପ୍ରଶାସନ ଦୁଇଟି ଅଲଗା ପୃଥିବୀ । ଗୋଟିଏ ପୃଥିବୀ ହୃଦୟକୁ ନେଇ ଗଢ଼ା; ଅନ୍ୟଟିର ପରସର ଜାଗତିକ । ସେ ଯେତେବେଳେ ଭଲ ଗପଟିଏ ଲେଖନ୍ତି, ମୁଁ ଉଲ୍ଲସିତ ହୁଏ । ସେହିପରି ପ୍ରଶାସନିକ କାର୍ଯ୍ୟରେ ସଫଳ ହେଲେ, ମତେ ଖୁସି ଲାଗେ । ଉଭୟ ଆନନ୍ଦର ସ୍ୱାଦ ଅଲଗା ।

□□□

